


## ସଂକ୍ଷେପରେ

### ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି ହେଲେ ରୁଦ୍ରାନ୍ତ

**ଢେଙ୍କାନାଳ ଅଫିସ, ୧୭।୧୦:** ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପୌରାଞ୍ଚଳ ପ୍ରତିନିଧି ଭାବେ ପୂର୍ବତନ କାଉନସିଲର ରୁଦ୍ରାନ୍ତ ଦଳେଇଙ୍କୁ ରବିବାର ନିଯୁକ୍ତି ମିଳିଛି। ପୌରାଞ୍ଚଳର ବିକାଶ ଲାଗି ରାଜ୍ୟ ସରକାର ୪୦ଟି ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାର ସଫଳ ରୂପାୟନ ଲାଗି ରୁଦ୍ରାନ୍ତଙ୍କୁ ଏମ୍‌ପି ସାହୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ପୌରାଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା, ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ଏବଂ ଏମ୍‌ପିଙ୍କ ପ୍ରତିନିଧିତ୍ୱକୁ ଦୃଢ଼ କରିବା ଲାଗି କାର୍ଯ୍ୟ କରିବେ ବୋଲି ରୁଦ୍ରାନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ନେତୃତ୍ୱ ବିକାଶ କର୍ମଶାଳା

**ରାସୋଳ, ୧୭।୧୦(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପକ୍ଷରୁ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ନେତୃତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ଶ୍ରୀନିବାସ ମିଶ୍ର ନେତୃତ୍ୱ ବିକାଶର ଆବଶ୍ୟକତା, ସରକାରୀ ଯୋଜନାର ସଫଳ ରୂପାୟନ, ସମନ୍ୱୟ ରକ୍ଷା କରିବା ଆଦି ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମଉଳି ଯାଇଛି ମନ

**ଗଣପର୍ବ ଲକ୍ଷ୍ମୀପୂଜାକୁ ମଝିରେ ଦିନଟେ ବାକି। ମଙ୍ଗଳବାର ରାତ୍ର ସମୟରେ ଧରାପୃଷ୍ଠକୁ ଓହ୍ଲାଇବେ ଧନର ଦେବୀ। ଏଥିପାଇଁ ପ୍ରସ୍ତୁତି ଅନ୍ତିମ ଚରଣରେ ପହଞ୍ଚିଥିବାବେଳେ ଶିଳ୍ପୀ ହାତରେ ଶେଷ ସ୍ପର୍ଶ ପାଉଛନ୍ତି ମୃଣ୍ମୟୀ ପ୍ରତିମା। କରୋନା ସଂକ୍ରମଣ କାରଣରୁ ଚଳିତବର୍ଷ ନିରାଡମ୍ବରରେ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପୂଜାକୁ ନେଇ ପୂର୍ବ ଉତ୍ସାହ ନ ଥିବାବେଳେ ମଉଳିଯାଇଛି ସହରବାସୀଙ୍କ ମନ।**

- ଦିନକ ପରେ ଗଣପର୍ବ ଲକ୍ଷ୍ମୀପୂଜା
- ଚାନ୍ଦିମେଢ଼ରୁ ଓହରିଲା କୈବଲ୍ୟ ବଜାର
- ଶେଷ ସ୍ପର୍ଶ ପାଉଛନ୍ତି ମୃଣ୍ମୟୀ ପ୍ରତିମା



(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୭।୧୦

ଐତିହ୍ୟସମ୍ପନ୍ନ ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତ ହେଉଛି ଢେଙ୍କାନାଳ। କରୋନା ପାଇଁ ଚଳିତବର୍ଷ ମଧ୍ୟ ନିରାଡମ୍ବରରେ ହେବ ସମସ୍ତ କାର୍ଯ୍ୟକ୍ରମ। ମଣ୍ଡପରେ ହେବନି କଳାକୁଞ୍ଜ କି ଆକର୍ଷଣୀୟ ସାଜସଜ୍ଜା। ୪ ଫୁଟରେ ସୀମିତ ରହିବ ମା'ଙ୍କ ମୃଣ୍ମୟୀ ପ୍ରତିମା। ପାର୍ବଣଜନିତ ଗହଳି ସଂକ୍ରମଣ ବଢ଼ାଇବା ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆଣିଛନ୍ତି। ତେଣୁ କେବଳ ପରମ୍ପରା ରକ୍ଷା କରିବା ଲାଗି ସମସ୍ତ ବିଧିବିଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଦୀର୍ଘ ୮୦ବର୍ଷ ଧରି ଆୟୋଜିତ ହେଉଥିବା ଢେଙ୍କାନାଳର ଲକ୍ଷ୍ମୀପୂଜା ଭାଇଚାରାର ବାର୍ତ୍ତା ବହନ କରୁଛି। ପରମ୍ପରାର ପ୍ରତୀକ ଭାବେ ପରିଚିତ ଏହି ଗଣପର୍ବରେ ସମସ୍ତେ ହୋଇଉଠନ୍ତି ଏକାକାର। ଚଳିତବର୍ଷ ଅକ୍ଟୋବର ୧୯ରୁ ୨୯ ଯାଏ ୧୧ ଦିନବ୍ୟାପୀ ମା'ଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ୩୮ ମଣ୍ଡପ। ପୂର୍ବ ବର୍ଷଗୁଡ଼ିକରେ ମିନାବଜାର, କୈବଲ୍ୟ ବଜାର, ଗଣେଶ ବଜାର, ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦିମେଢ଼ କରାଯାଉଥିଲା। ତେବେ ମୂର୍ତ୍ତି ଉଚ୍ଚତାକୁ ନେଇ ଚଳିତବର୍ଷ କୈବଲ୍ୟ ବଜାର ଚାନ୍ଦିମେଢ଼ କରିବ ନାହିଁ ବୋଲି ଅନୁଷ୍ଠାନର ସମ୍ପାଦକ ପ୍ରତାପ ପଣ୍ଡା ସ୍ପଷ୍ଟ କରିଛନ୍ତି। ସେହିପରି ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ଗୁଡିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବିଲି ଟାଉନ-୧, କ୍ରିଷ୍ଣା ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ଆସ୍ଥାନ, ଷ୍ଟେଶନ ବଜାର, ମା' ସୁନ୍ଦରଗୁଣି ଆସ୍ଥାନ, ଗାନ୍ଧୀବଜାର, ଚନ୍ଦନ ବଜାର, ବସଷ୍ଟାଣ୍ଡ, ଦୁର୍ଗାବଜାର, କାଳିକା ବଜାର, ରାମେଶ୍ୱରପୁର, ନେହେରୁ ବଜାର, ଜୁବିଲି ଟାଉନ-୩, ସ୍ୱପ୍ନେଶ୍ୱର ବଜାର, ଭଗବାନପୁର, ଗୋପବନ୍ଧୁ ବଜାର, ରତନ ବଜାର, ଖମାର ସାହି, କମ୍ୟୁନିଟି ସେଣ୍ଟର ହାଟରୋଡ, ଅରବିନ୍ଦ ବଜାର, କଣ୍ଟାନାଳୀ ବାଇପାସ୍, ବନମାଳୀ ପ୍ରସାଦ, ଜେନାଦେବୀ ବଜାର, ନିର୍ମାଲ୍ୟ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଅନ୍ୟପଟେ ମଣ୍ଡପରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ କି ମିନାବଜାର ପଡ଼ିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି, ଯାହାକୁ ନେଇ ନିରାଶ ହୋଇଛନ୍ତି ପୂଜା କମିଟି ଏବଂ ସହରବାସୀ।

#### ସରକାରୀ କଟକଣାକୁ ଗୁରୁତ୍ୱ



"୧୧ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପୂଜାରେ କୋଭିଡ୍ କଟକଣାକୁ ଗୁରୁତ୍ୱ ଦିଆଯାଉଛି। ୩ ମଣ୍ଡପରେ ଚାନ୍ଦିମେଢ଼ ହେଉଥିବାବେଳେ ଅନ୍ୟ କେତେକ ପୂଜା ପ୍ରତିଷ୍ଠାନରେ ମା' ଅଳଙ୍କାର ବେଶ ଆକର୍ଷଣୀୟ ହେବ।
**-ବିଶ୍ୱନାଥ ବେହେରା, ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି**

#### ଜାତିଭେଦଠାରୁ ଊର୍ଦ୍ଧ୍ୱରେ ଲକ୍ଷ୍ମୀପୂଜା



"ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ଜାତିଭେଦଠାରୁ ଊର୍ଦ୍ଧ୍ୱରେ। ଦୀର୍ଘ ୩୮ ବର୍ଷ ହେଲା ଏଭଳି ଐତିହାସିକ ପୂଜାରେ ସାମିଲ ହେଉଥିବାରୁ ଗର୍ବିତ। ସମସ୍ତେ ମିଳିମିଶି ଉତ୍ସାହ ଉଦ୍ଦୀପନାର ସହ ମା'ଙ୍କ ପୂଜା ପାଳନ କରିବା ଭିନ୍ନ ପରମ୍ପରା ସୃଷ୍ଟି କରିଛି।
**-ଶେଖ୍ ହୁସେନ, ଗଣେଶ ବଜାର ପୂଜା କମିଟି ଅଧ୍ୟକ୍ଷ**

#### କୋଭିଡ୍ ନିୟମ ମଧ୍ୟରେ ଭୋଗ ହେବ



"ଲକ୍ଷ୍ମୀପୂଜା ଢେଙ୍କାନାଳକୁ ଭାଇଚାରାର ସହରରେ ପରିଚିତ କରାଇଛି। କରୋନା ପାଇଁ ଦୁଇବର୍ଷ ହେଲା ସହରବାସୀ ପୂଜାକୁ ଉପଭୋଗ କରିପାରୁନାହାନ୍ତି। ଚଳିତବର୍ଷ କୋଭିଡ୍ ନିୟମ ମଧ୍ୟରେ ଶ୍ରଦ୍ଧାଳୁମାନେ ଭୋଗ କରିପାରିବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।
**-ସତ୍ୟସ୍ୱରୂପ ଦାସ, ଲକ୍ଷ୍ମୀବଜାର ପୂଜା କମିଟି ସମ୍ପାଦକ**

#### ଶାନ୍ତିଶୃଙ୍ଖଳାକୁ ଅଗ୍ରାଧିକାର



"ପୂଜାକୁ ଆଉ ଦିନଟିଏ ବାକି ଥିବାରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ସମସ୍ତ ମଣ୍ଡପରେ ଶୃଙ୍ଖଳା ରକ୍ଷାକୁ ଅଗ୍ରାଧିକାର ଦିଆଯାଉଛି।
**-ସାଗିର ମହମ୍ମଦ, କାଞ୍ଚନ ବଜାର ପୂଜା କମିଟି ସମ୍ପାଦକ**

## ସଫେଇ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ



**କାମାକ୍ଷାନଗର, ୧୭।୧୦(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ କାମାକ୍ଷାନଗର ବିଜେଡି ପକ୍ଷରୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହ ସଫେଇ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏଥିସହ କଲେଜ ପରିସରରେ ସଫେଇ କରାଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନନ୍ତପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବ୍ରହ୍ମାନନ୍ଦ ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ସମ୍ବିତ ସୂର୍ଯ୍ୟ ସାହୁ, ଆଦିତ୍ୟ ଆଚାର୍ଯ୍ୟ, ବ୍ଲକ ଯୁବ ସଭାପତି ବିଶ୍ୱରଞ୍ଜନ ସାହୁ, କାହ୍ନୁ ସାହୁ, ରଞ୍ଜିତା ବେହେରା, ହିମାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଲାନ୍‌କୋ-ବାବନ୍ଧ ପାୱାର ପ୍ଲାଣ୍ଟ ବନ୍ଦ ବିବାଦ**

# ୧୭୮.୬୦ କୋଟି ଦାବି କଲା ପ୍ରଜାସଂଘ

ଢେଙ୍କାନାଳ ଅଫିସ, ୧୭।୧୦

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ପଞ୍ଚାୟତ କୁରୁଣ୍ଡିସ୍ଥିତ ଲାନ୍‌କୋ-ବାବନ୍ଧ ପାୱାର ପ୍ଲାଣ୍ଟ ବନ୍ଦ ହୋଇଯିବା ପରେ ସୃଷ୍ଟି ହୋଇଥିବା ବିବାଦ ଜଟିଳ ହେବାରେ ଲାଗିଛି। ସମସ୍ୟାର ସମାଧାନ ପାଇଁ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ହାଇଦ୍ରାବାଦସ୍ଥିତ ଜାତୀୟ କମ୍ପାନୀ ଆଇନ ଅବେଦନ ପ୍ରାଧିକରଣ (ଏନ୍‌ସିଏଲ୍‌ଏଟି)ର ଦ୍ୱାରସ୍ଥ ହୋଇଛି। ଏଥିସହ କମ୍ପାନୀ ନିକଟରୁ ୧୭୮ କୋଟି ୬୦ଲକ୍ଷ ଟଙ୍କା ଦାବି କରାଯାଇଛି। ସମସ୍ତ ଟଙ୍କା ଜମା ଦେବା ପରେ କମ୍ପାନୀରୁ ସ୍କ୍ରାପ୍ କାଟିବାକୁ ଅନୁମତି ଦିଆଯିବ ବୋଲି ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ କୁହାଯାଇଛି।

କୁରଣ୍ଡି ଗ୍ରାମ ନିକଟରେ ୧୦ ହଜାର ୨୩୨ ଏକର ଜମିରେ ୧ ହଜାର ୩୨୦ ମେଗାୱାଟ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଉତ୍ପାଦନ ପାଇଁ ଲାନ୍‌କୋ-ବାବନ୍ଧ ପାୱାର ପ୍ଲାଣ୍ଟ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରେ ୮ ହଜାର କୋଟି ଟଙ୍କା ବିନିଯୋଗ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ମୁମ୍ବାଇର ଏନ୍‌ସିଏଲ୍‌ଏଟି କମ୍ପାନୀକୁ ଦେବାଳିଆ ଦର୍ଶାଇବା ପରେ ଏହା ବନ୍ଦ ହୋଇଯାଇଥିଲା। ଅନ୍ୟପଟେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପୂରଣରେ ବିଫଳ, ଜମି ବାବଦ ବକେୟା ଅର୍ଥ, କ୍ଷତିଗ୍ରସ୍ତଙ୍କୁ ଚାକିରି, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରି ନ ଥିବା ଆଦି ପ୍ରତିବାଦରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା। ସମସ୍ୟାର ସମାଧାନ କରିବାକୁ ହେଲେ କାରଖାନା କର୍ତ୍ତୃପକ୍ଷଙ୍କୁ ୧୭୮କୋଟି ୬୦ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ସଂଘ କହିଛି। ଜମି ବାବଦକୁ ୧୦୦ କୋଟି ୫ ଲକ୍ଷ ୬୦ହଜାର, ନିର୍ମାଣ କାର୍ଯ୍ୟ ପାଇଁ ୧୮ କୋଟି ୨୦ଲକ୍ଷ, ଧାନ ଚାଷ ପାଇଁ ଏକରକୁ ବାର୍ଷିକ ୫ କୁଇଣ୍ଟାଲ ଉତ୍ପାଦନ ହିସାବରେ ୧୫ କୋଟି, ନିଯୁକ୍ତି ପାଇଁ ୩ କୋଟି ୪୦ ଲକ୍ଷ, ଦରମା ପାଇଁ ୪୦ ଲକ୍ଷ ଏବଂ ଚାକିରି ପ୍ରତିଶ୍ରୁତି ପାଇଁ ୪୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରବିବାର ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ସଂଘ ଦାବି କରିଛି।



ବୈଠକରେ ଆଞ୍ଚଳିକ ପ୍ରଜାସଂଘର କର୍ମକର୍ତ୍ତାମାନେ।

ବୈଠକରେ ସଂଘ ସଭାପତି ଗଙ୍ଗାଧର ସାମଲ, ସମ୍ପାଦକ ବିଜୟ ଧଳ, ଉପସଭାପତି ନରେନ୍ଦ୍ର ସାହୁ, କାର୍ଯ୍ୟକାରୀ ସମ୍ପାଦକ ବିନୋଦ ସାହୁ, କୋଷାଧ୍ୟକ୍ଷ ଅଖିଳ ମହାପାତ୍ର, କମ୍ପାନୀର ଲିକ୍ୟୁଡେଟର ସତ୍ୟଜିତ୍ ମହାପାତ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ପ୍ରଜାସଂଘ ଦିଲ୍ଲୀସ୍ଥିତ ଉପରିସ୍ଥ ଏନ୍‌ସିଏଲ୍‌ଏଟି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବ। ଟଙ୍କା ଜମା ନ ହେବା ଯାଏ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ କିମ୍ବା ଆଲୋଚନା ହେବ ନାହିଁ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରାଧୀନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916.
HDFC2211-21 Odi

## ଶୃଙ୍ଖଳାଜ୍ଞାନ ଉପରେ ଦିଗ୍‌ଦର୍ଶନ




ଶିବିରରେ ଅତିଥି ଏବଂ ଶିବିରାର୍ଥୀମାନେ।

**ଢେଙ୍କାନାଳ ଅଫିସ, ୧୭।୧୦:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆସ୍ଥିତ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଚାଲିଥିବା ପୂର୍ଣ୍ଣକାଳୀନ ସ୍ୱତନ୍ତ୍ର ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଭଗବାନ ମିଶ୍ର ଯୋଗଦେଇ ଶିବିରାର୍ଥୀଙ୍କୁ ଶୃଙ୍ଖଳାଜ୍ଞାନ ଉପରେ ଦିଗଦର୍ଶନ ଦେଇଥିଲେ। ସେବା ମନୋଭାବ ନେଇ କାମ କରିବା ଛାତ୍ରୀଛାତ୍ରଙ୍କ ନୈତିକ କର୍ତ୍ତବ୍ୟ। କରୋନା ମହାମାରୀ ସମୟରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବା, ପ୍ରାଣୀ ଏବଂ ଅସହାୟ ବ୍ୟକ୍ତିଙ୍କ ସେବା, ବିପର୍ଯ୍ୟୟ ସମୟରେ ସହାୟତାର ହାତ ବଢ଼ାଇବା ଲାଗି ଆଗେଇ ଆସିବାକୁ ଅଧ୍ୟକ୍ଷ ଶିବିରାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଶିବିରର ବିଭିନ୍ନ ଦିବସରେ ସଫେଇ, ପୋଷ୍ୟ ଗ୍ରାମରେ ସଚେତନତା, ଜଳ ଓ ମୃତ୍ତିକା ସଂରକ୍ଷଣ, ପାରମ୍ପରିକ କୌଳିକ ବୃତ୍ତିର ସୁରକ୍ଷା ସମ୍ପର୍କରେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଭୁବନ ବାଜିସେନା ସଭାପତି କମଳ ମହାରଣା ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ସେବା ହିଁ ପରମଧର୍ମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ରାମନାରାୟଣ ରାଉତ, ଉତ୍କଳ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ. ବ୍ରଜନାରାୟଣ ପାତ୍ର, କଲେଜ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।



## ମଦ ଜବତ, ଜଣେ ଗିରଫ

ବଇଣ୍ଡା,(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନମାଳିପୁର ଗ୍ରାମର ନିରାକାର ଦେହୁରୀଙ୍କ ଘରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରି ୩୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ସୂଚନା ମିଳିବା ପରେ ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଅନୁଗୋଳ ଅଫିସ,୧୭।୧୦- ବନ୍ତଳା ଥାନା ନୂଆକ୍ଷେତା ଗ୍ରାମ ପୋଖରୀରେ ବୁଡ଼ି ଅକ୍ଷୟ ନାଏକ(୬୧)ଙ୍କ ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ରବିବାର ଭୋର ସମୟରେ ଅକ୍ଷୟ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ଗୋଡ଼ ପୋଖରୀକୁ ଖସିଯାଇଥିଲା। ଫଳରେ ସେ ପାଣିରେ ବୁଡ଼ି ଯାଇଥିଲେ। ସକାଳ ପ୍ରାୟ ସାଢ଼େ ୭ଟା ବେଳକୁ ଗ୍ରାମବାସୀ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ବନ୍ତଳା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସାଇକେଲରୁ ପଡ଼ି ଜଣେ ମୃତ

ଛେଣ୍ଡିପଦା,୧୭।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ପୋଡାପଡାରୁ ବାଗଡିଆ ଯାଇଥିବା ୧୪୯ ନଂ. ଜାତୀୟ ରାଜପଥର ବଡଜୋରା ନାଳ ନିକଟରେ ରବିବାର ସାଇକେଲରୁ ଖସିପଡି ଖମାର ଗଉଡନାଳି ସାହିର କମାର ନାଥଙ୍କ ମୃତ୍ୟୁ ହୋଇଛି। କମାର ସନ୍ଧ୍ୟା ୬ଟା ବେଳେ ପୋଡାପଡାରୁ ଘରକୁ ଫେରୁଥିବାବେଳେ ବଡଝୋରା ନାଳ ନିକଟରେ ସାଇକେଲରୁ ପଡିଯାଇଥିଲେ। ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଡାକ୍ତରଖାନା ସଫେଇ କାର୍ଯ୍ୟକ୍ରମ

ଆଠମଲ୍ଲିକ,୧୭।୧୦(ଡି.ଏନ.ଏ.)- ଆଠମଲ୍ଲିକ ବିଜୁ ମହିଳା ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଉପଖଣ୍ଡ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ମହିଳା ବିଜେଡି ସଭାପତି ବିଦ୍ୟୁଲତା ପ୍ରଧାନ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ନଗର ବିଜେଡି ସଭାପତି ପ୍ରଦୀପ ଦାଶ, ନଗର ମହିଳା ସଭାପତି ଆଶାଲତା ସାହୁ, ବିଧାୟକଙ୍କ ବ୍ଲକ ପ୍ରତିନିଧି କ୍ଷୀରୋଦ କୁମାର ବଘାର, ସରକାରୀ ଓକିଲ ରଞ୍ଜନ ବେହେରା, ଦିନେଶ ସିଂ, ଅବନୀ କୁମାର ଆଚାର୍ଯ୍ୟ ଓ ଏନଏସି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ପରେ ହରିଡାନାଳୀ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ରକ୍ତଭଣ୍ଡାର ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ଆଠମଲ୍ଲିକ,୧୭।୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ନଅଗାଁ ଗ୍ରାମରେ ଚାଷ ଜମିକୁ ପାଣି ମଡ଼ାଇବା ଘଟଣାକୁ କେନ୍ଦ୍ରକରି ଶନିବାର ସକାଳେ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପ୍ରଶାନ୍ତ କୁମାର ସାହୁଙ୍କ ଟାଙ୍ଗିଆ ଚୋଟରେ ଲକ୍ଷ୍ମୀଧର ଗାଈଗରିଆ ଗୁରୁତର ହୋଇଛନ୍ତି। ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଲକ୍ଷ୍ମୀଧରଙ୍କ ପୁତୁରା ସନ୍ତୋଷ କୁମାର ଗାଈଗରିଆ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପ୍ରଶାନ୍ତଙ୍କ ସ୍ତ୍ରୀ ଜୟଶ୍ରୀ ସାହୁ ଲକ୍ଷ୍ମୀଧରଙ୍କ ସମେତ ଅନ୍ୟ ପାଞ୍ଚ ଜଣଙ୍କ ନାମରେ ବଳାତ୍କାର ଉଦ୍ୟମ ଓ ମାରପିଟ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୭୬/୨୧ ଓ ୧୭୭ /୨୧ରେ ଦୁଇଟି ମାମଲା ରୁଜୁ କରିଛି। ଆଇଆଇସି ନିରୋଦ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତକାରୀ ଅଧିକାରୀ କଳ୍ପନା ବେହେରା ଆକ୍ରମଣକାରୀ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅନ୍ୟ ଏକ ମାମଲାର ତଦନ୍ତ ଚାଲୁ ରହିଥିବା ପୋଲିସ ପ୍ରକାଶ କରିଛି।

### ପୂଜାକାଳୀନ ସ୍ୱତନ୍ତ୍ର ସେବା ଶିବିର



ବଇଣ୍ଡା,୧୭।୧୦(ଡି.ଏନ.ଏ.)- କିଶୋରନଗର ଡିଗ୍ରୀ କଲେଜ ପରିସରରେ ରବିବାର ପୂଜାକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ଅକ୍ଷୟ କୁମାର ଦାସ ଯୋଗଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅଧାପିକା ଶୁଭଶ୍ରୀ ବିଶ୍ୱାଳ, ନଳିନୀ ପ୍ରଧାନ, ଅଧାପକ ପୁରୁଷୋତ୍ତମ ସାହୁ ଯୋଗଦେଇଥିଲେ। ଏଥିରେ ୭୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରୋଗ୍ରାମ ଅଫିସର ରୋଜାଲିନୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଡ଼ାକଡ଼ି ପାଳନ ହେଉ କଟକଣା




- ସ୍କୁଲକୁ ଆସିବେ ଅଷ୍ଟମ ଶ୍ରେଣୀ ପିଲା
- ଅବହେଳା ନ କରିବାକୁ ଅଭିଭାବକ କଲେ ଦାବି
- ୫ମରୁ ୭ମ ପିଲାଙ୍କ ପାଇଁ ମଧ ବିଦ୍ୟାଳୟ ଖୋଲାଯାଉ

ଅନୁଗୋଳ ଅଫିସ,୧୭।୧୦

ଦୀର୍ଘ ମାସ ପରେ ଶ୍ରେଣୀଗୃହକୁ ଫେରିବେ ଅଷ୍ଟମ ଶ୍ରେଣୀ ପିଲା। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରି ସେମାନେ ମଧ କୋଭିଡ୍ ସମୟରେ ସ୍କୁଲ ଆସିବେ। ଏ ନେଇ ରାଜ୍ୟ ସରକାର ଘୋଷଣା କରିବା ପରେ ଅନୁଗୋଳ ଜିଲାର ୫୮୧ଟି ଶିକ୍ଷାନୁଷ୍ଠାନର ଅଷ୍ଟମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଦୀର୍ଘ ମାସ ପରେ ସେମାନେ ବିଦ୍ୟାଳୟ ଆସିବାକୁ ଆଗ୍ରହୀ ହୋଇପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଅଭିଭାବକ ଓ ବୁଦ୍ଧିଜୀବୀମାନେ ସ୍ୱାଗତ କରିଥିଲେ ହେଁ କୋଭିଡ୍ କଟକଣାକୁ ଯେପରି କଡ଼ାକଡ଼ି ପାଳନ କରାଯାଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି।

ପୂଜା ଛୁଟି ସରିବା ପରେ ଆସନ୍ତା ୨୫ ତାରିଖରୁ ସ୍କୁଲରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ଶିକ୍ଷାଦାନ ଆରମ୍ଭ ହେବ। ସକାଳ ୯ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ଯାଏ ପଢ଼ାଯିବ। ତେବେ ଶ୍ରେଣୀଗୃହ ଶିକ୍ଷା ପାଇଁ ପିଲାମାନଙ୍କୁ ବାଧ କରାଯିବ ନାହିଁ। ଯେଉଁମାନେ ସ୍କୁଲ ଆସିବେ ନାହିଁ ସେମାନଙ୍କୁ ପୂର୍ବପରି ଅନ୍‌ଲାଇନ୍‌ରେ ପାଠ ପଢ଼ାଯିବ। ପିଲାମାନେ ସ୍କୁଲ ଆସିବା ପୂର୍ବରୁ ବନ୍ଦ ପଡ଼ିଥିବା ଶ୍ରେଣୀଗୃହ ଓ ଭିତ୍ତିଭୂମି ସଜାଡ଼ିବାକୁ କର୍ତ୍ତୃପକ୍ଷଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯେପରି ଦୁଇ ଡୋଜ୍ ଟିକା ନେଇଥିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ସ୍କୁଲରେ ପିଲାମାନେ ଯେପରି ମାସ୍କ ପିନ୍ଧିବେ ଓ ସାମାଜିକ ଦୂରତ୍ୱ ବଜାୟ ରଖିବେ ସେ ନେଇ କର୍ତ୍ତୃପକ୍ଷ ଆବଶ୍ୟକ ଦୃଷ୍ଟି ଦେବାକୁ କୁହାଯାଇଛି। ଏ କ୍ଷେତ୍ରରେ ସାମାନ୍ୟ ଅବହେଳା ପିଲାମାନଙ୍କୁ କୋଭିଡ୍‌ରେ ଆକ୍ରାନ୍ତ କରିଦେବାର ଭୟ ଥିବାରୁ ତାହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ୫ମରୁ ୭ମ ଶ୍ରେଣୀ ଯାଏ ପିଲାଙ୍କୁ ମଧ ସ୍କୁଲ ଆସିବାକୁ ଅନୁମତି ଦିଆଯାଉ ବୋଲି ମତ ପ୍ରକାଶ ପାଇଛି।

#### ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯିବ



କରୋନା କଟକଣାକୁ କଡାକଡି ଭାବେ ପାଳନ କରାଯିବ। ସମସ୍ତ ବିଦ୍ୟାଳୟ ପରିସରକୁ ସାନିଟାଇଜ୍ କରାଯିବ। ଜିଲା ପ୍ରଶାସନ ସହ ଜିଲା ଶିକ୍ଷା ବିଭାଗ ଓ ସ୍କୁଲ ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯିବ।

-ନିରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ, ଅନୁଗୋଳ

#### ଶିକ୍ଷକ ଅଭାବ ଦୂର କରାଯାଉ



ପିଲାଙ୍କ ହିତ ଦୃଷ୍ଟିରୁ କ୍ଲାସ ପାଠପଢ଼ା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ପୂର୍ବରୁ ରାଜ୍ୟ ସରକାର ପ୍ରଥମେ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ଏବଂ ଶିକ୍ଷକ ଅଭାବ ପୂରଣ ଦିଗରେ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ।

-ସରୋଜ କୁମାର ପାଣିଗ୍ରାହୀ, ରାଜ୍ୟ ଉପସଭାପତି, ଓଷ୍ଟା

#### ପିଲାଙ୍କ ଭବିଷ୍ୟତ ପାଇଁ ଜରୁରୀ



ଅନ୍‌ଲାଇନ୍ କ୍ଲାସରୁ ବହୁ ଛାତ୍ରୀଛାତ୍ର ବଞ୍ଚିତ ରହୁଥିଲେ। ନବମ ଓ ଦଶମ ପରି ଏବେ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲୁଥିବାରୁ ସେ ସମସ୍ୟା ଆଉ ରହିବ ନାହିଁ। ସରକାରଙ୍କ ନିର୍ଦ୍ଦେଶ ପ୍ରତି ସ୍କୁଲରେ ପାଳନ ହେବା ଦରକାର।

-ସବିତା ଦାସ, ଅଭିଭାବକ

## ମେଳି ବାନ୍ଧିଲେ ୮ ଗ୍ରାମବାସୀ

### ରାସ୍ତା ମରାମତି ହେଉ ନ ଥିବାର ପ୍ରତିବାଦ



ବୈଠକରେ ଉପସ୍ଥିତ ଗ୍ରାମବାସୀ।

ମାଧପୁର,୧୭।୧୦

ଆଠମଲ୍ଲିକ ବ୍ଲକ କିଆକଟା–ହେଲେଇ ରାସ୍ତା ଶୋଚନୀୟ ହୋଇପଡିଥିବା ବେଳେ ମରାମତି କରାଯାଉ ନାହିଁ। ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ରବିବାର ହେଲେଇ, ନାଇକପଡ଼ା, ଝୁଙ୍ଗିକଟା, ହଟୁଆପଡା, ସଂଖାମାଳ, ଧୂଡ଼ିଆପଡ଼ା, କୁମ୍ଭୀଆ, ଏବଂ ନୂଆପଡା ଗ୍ରାମବସୀ ହଟୁଆପଡା ଆମ୍ବତୋଟା ଠାରେ ଏକ ବୈଠକ କରିଥିଲେ। ଗୋଲେଖ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ବୈଠକରେ ପ୍ରଶାସନ ବାରମ୍ବାର ଏ ଅଞ୍ଚଳପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାର କ୍ଷୋଭ ପ୍ରକାଶ କରାଯାଇଥିଲା। ଏଥିସହିତ ସୋମବାର ଆଠମଲ୍ଲିକ ଉପଜିଲାପାଳଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ଭେଟି ଦାବିପତ୍ର ଦେବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ପ୍ରତାପ କର୍ଣ୍ଣ, ହିମାଞ୍ଚଳ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ସୋରଜ ପ୍ରଧାନ, କୁଶ ଜାଲ, ପ୍ରତ୍ୟୁଷ ରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ବଜାର ବନ୍ଦ କରି ଶ୍ରଦ୍ଧାଞ୍ଜଳି



ଶୋକ ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବଇଣ୍ଡା,୧୭।୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନଙ୍କ ଶନିବାର ପରଲୋକ ହୋଇଯାଇଥିବାରୁ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଏ ନେଇ ବଇଣ୍ଡା ଗ୍ରାମବାସୀ, ବିକାଶ ପରିଷଦ, ବଜାର କମିଟି ପକ୍ଷରୁ ରବିବାର ବଜାର ବନ୍ଦ ରଖାଯାଇ ଏକ ଶୋକ ସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସରପଞ୍ଚ ଜଳଧର ସାହୁଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଭାଜପା ନେତା ଭାଗୀରଥି ପ୍ରଧାନ, ରଣଜିତ ପଟ୍ଟନାୟକ, ତ୍ରିଲୋଚନ ସାହୁ, ପ୍ରତାପ କୁମାର ପ୍ରଧାନ, ପ୍ରମୋଦ କୁମାର ସାହୁ, ରମେଶ କୁମାର ଟିବ୍ରୁୱାଲ, ଅରବିନ୍ଦ ସାହୁ, ରାଜେନ୍ଦ୍ର କୁମାର ସାହୁ, ଗିରିଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ସାହୁ, ଅର୍ଜୁନ କୁମାର ସାହୁ, ପରିକ୍ଷିତ ସାହୁ, ସଞ୍ଜୟ ସାହୁ, ରମେଶ ସାହୁ, ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ବ୍ୟବସାୟୀ ଯୋଗଦେଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହ ୨ ମିନିଟ ନୀରବ ପ୍ରର୍ଥନା କରାଯାଇଥିଲା।

## ସମ୍ମାନିତ ହେଲେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଭା

ଅନୁଗୋଳ ଅଫିସ, ୧୭।୧୦

ଅନୁଗୋଳ କଳାକେନ୍ଦ୍ର ପରିସରରେ 'ଆମ ପ୍ରତିଭା ଆମ ସ୍ୱାଭିମାନ'ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସ୍ତମ୍ଭକାର ଅରୁଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତିଆଣ ରାଜନୀତିରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଏମ୍ପି ମହେଶ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜା ସୋମନାଥ ସିଂ ଜଗଦ୍ଦେବ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ସ୍ୱାଧୀନତା ସଂଗ୍ରାମୀ ମାଳତୀ ଦେବୀ, ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ, ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ତଥା ଅବସରପ୍ରାପ୍ତ ଅଧ୍ୟାପକ ବାମକାନ୍ତ ଗଡ଼ନାୟକ, ଅନୁଷ୍ଠାନର ସଭାପତି ବିମଳ ମିଶ୍ର, ସିନେ ତାରକା ଅଶୋକ ଦାଶ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଭକ୍ତିପ୍ରସାଦ ଦାସ, ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଉପସଭାପତି ଦୁର୍ଗା ଚରଣ ପ୍ରଧାନ, ପ୍ରଦୀପ ଦେବତା, ଦୀନେଶ ପ୍ରଧାନ, ପ୍ରତାପ ମହାପାତ୍ର, ବିଜୟ ବେହେରା, ଆଦିତ୍ୟ ପ୍ରସାଦ ମିଶ୍ର, ସୌରୀରଞ୍ଜନ ପଣ୍ଡା, ଗଦାଧର ସାହୁ, ସୁନୀଲ ପ୍ରଧାନ, ମମତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ସଂଖ୍ୟାଲଘୁ କାର୍ଯ୍ୟକାରୀ କମିଟି ଗଠିତ

ଅନୁଗୋଳ ଅଫିସ, ୧୭।୧୦

ଅନୁଗୋଳ ପଞ୍ଚମହଲାସ୍ଥିତ ଭାଜପା କାର୍ଯ୍ୟାଳୟରେ ସଂଖ୍ୟାଲଘୁ ସେଲ୍‌ର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏସ୍.କେ. ମିନା ହଜଉଦ୍ଦିନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାନେତ୍ରୀ ମମତା ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ମହମ୍ମଦ ସାବିରଙ୍କ ଉପସ୍ଥିତିରେ ଏକ କମିଟି ଗଠନ ହୋଇଥିଲା। ଉପସଭାପତି ଭାବେ ଏସ.କେ. ଲିୟାକତ ଅଲ୍ଲି, ମହମ୍ମଦ ଜାହିଦ, ସାମୁଏଲ ମହାନ୍ତି, ମହମ୍ମଦ ଗୁଲାମ, ସାଧାରଣ ସମ୍ପାଦକ ଏସ୍.କେ. ହବିବୁଲ୍ଲା, ଅନସାର ହୁସେନ ଖାନ, ସମ୍ପାଦକ ରମଜାନ ଖାନ, ଏସ୍.କେ. ମନୋହର, ସୁମନ ଚୌଧୁରୀ, ନାସରିନ ବିବି, କୋଷାଧକ୍ଷ ଭାବେ ସଞ୍ଜୀବ ଦୁବେ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ଆଠମଲ୍ଲିକ,୧୭।୧୦(ଡି.ଏନ.ଏ.)




ଓଡ଼ିଶା ଡ୍ରାଇଭର ମହାସଂଘର ବୈଠକ।

ଆଠମଲ୍ଲିକ ହରିଡାନାଳୀ ମାନଯୋର ଛକ ନିକଟରେ ଓଡ଼ିଶା ଡ୍ରାଇଭର ମହାସଂଘର ମୁଖ୍ୟ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ କୁମାର ମେଣ୍ଡୁଲି ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ହରିଡାନାଳୀ ଛକ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଜିଲା ସଭାପତିଙ୍କ ସହ ଆଠମଲ୍ଲିକ ଉପଖଣ୍ଡର ଡ୍ରାଇଭରମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘ ରାଜ୍ୟ ସମ୍ପାଦକ ଚୈତନ୍ୟ ପ୍ରଧାନ, ରାଜ୍ୟ ଉପସଭାପତି ସୁମନ ଆଲଟିଆ, ଉପଦେଷ୍ଟା ଘନଶ୍ୟାମ ବେହେରା, କୋଷାଧକ୍ଷ ଆଦିତ୍ୟ ବେହେରା, ଅନୁଗୋଳ ଜିଲା ସଭାପତି ଅମିତ କୁମାର କବି, ସାଦକ ଅଭିମନ୍ୟୁ ଦେହୁରୀ, ଉପସଭାପତି ମନୋଜ ସାହୁ, କୋଷାଧକ୍ଷ ରଜନୀକାନ୍ତ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୧୪୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସା ଅଧିକାରୀ ତଥା ରକ୍ତଭଣ୍ଡାର ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଷ୍ଟାପନର୍ସ ସ୍ନିଗ୍ଧାରାଣୀ ସିଂହ ରକ୍ତ ସଂଗ୍ରହ କରିଥିଲେ।

## 'ସାରଙ୍ଗଧର ଥିଲେ ନିଷ୍ପେଷିତଙ୍କ ସ୍ୱର'

ଢେଙ୍କାନାଳ ଅଫିସ, ୧୭।୧୦



ମାଲ୍ୟାର୍ପଣ ଅବସରରେ ଏମ୍ପିଙ୍କ ସମେତ ଅନ୍ୟମାନେ।

ସଂଗ୍ରାମୀ ସାରଙ୍ଗଧର ଦାସ ଥିଲେ ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ପୁରୋଧା। ପ୍ରଜାମଣ୍ଡଳ ଆନ୍ଦୋଳନକୁ ବ୍ୟାପକ କରିବାରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ନିଷ୍ପେଷିତଙ୍କ ସ୍ୱର ସାଜି ସେ ଯେଉଁ କଲ୍ୟାଣମୂଳକ କାର୍ଯ୍ୟ କରି ଯାଇଛନ୍ତି, ତାହା ସବୁଦିନ ଲାଗି ସ୍ମରଣୀୟ ହୋଇ ରହିବ। ଏଭଳି ଜଣେ ଯୋଗଜନ୍ମାଙ୍କ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି ଏମ୍ପି ମହେଶ ସାହୁ। 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ରବିବାର ସାରଙ୍ଗଧରଙ୍କ ୧୩୫ତମ ଜୟନ୍ତୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍ପି ଏହା କହିଛନ୍ତି। ଏହି ଅବସରରେ ସ୍ଥାନୀୟ ବଳରାମ ମନ୍ଦିର ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେରେ ଏମ୍ପି ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ଆବାହକତ୍ୱ ଏବଂ କୋଷାଧକ୍ଷ ରୁଦ୍ରାନ୍ତ ଦଳେଇଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ବେହେରା, ବିଭୂତି ଭୂଷଣ ସାହୁ, ନକୁଳ କୁମାର ସାହୁ, ବିଭୂତି ନନ୍ଦ, ଦୀପକ ଦାସ, ପ୍ରତାପ ଦାସ, କାହ୍ନୁ ଦଳେଇ, ଚିତ୍ତରଞ୍ଜନ ସାହୁ, ନଜ୍ଜୁ ମହମ୍ମଦ, କୈଳାସ ଚନ୍ଦ୍ର ନାୟକ, କୈଳାସ ବେହେରା, ସ୍ୱରୂପାନନ୍ଦ ଦାସ, ରଶ୍ମିନାରାୟଣ ସାହୁ, ଶିଶିର ଦଳେଇ, ରଞ୍ଜନ ଜେନା, ହୀରୋଜ୍ ଖାଁ, ସାରଙ୍ଗ ରାଉତ, ଅଜୟ ରାଉତ, ଜଗା ସେଠୀ, ପପୁ ମହାନ୍ତି, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

ବଇଣ୍ଡା,୧୭।୧୦(ଡି.ଏନ.ଏ.)– କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ମାତାଜୀ ସାହୁ, ବିଦ ପ୍ରଧାନ, ସୁରେଖା ନାୟକ, ଦାମୋଦର ବେହେରା, ଲାବଣ୍ୟ ପ୍ରଧାନ, ସୁଦର୍ଶନ ଦେହୁରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ ସ୍ୱୟମ୍ବର ପ୍ରଧାନ ସମ୍ପୃକ୍ତ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ନିର୍ବାହୀ ଅଧିକାରୀ ବଜେନ୍ଦ୍ର ସେଠୀ ଉପସ୍ଥିତ ଥିଲେ।

## ଜୀବନ, ଜୀବିକା ସୁରକ୍ଷା ନେଇ ବୈଠକ

ଛେଣ୍ଡିପଦା,୧୭।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଝିଣ୍ଟିପାଳ ମନ୍ଦିର ପରିସରରେ ରବିବାର ଖଣିରେ ଜନ ଜୀବନ ଓ ଜୀବିକା ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସସ୍ମିତା ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ସମିତି ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ଖଣି ବିସ୍ଥାପନ ଜନ ଅଧିକାର ପରିଷଦ ସଭାପତି ବିଜୟ ପରିଡା, ଜନମତ ସଙ୍ଗଠନ ପରାମର୍ଶଦାତା ବିଜୟ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଆଗାମୀ ଦିନରେ ୩୧ଟି କୋଇଲା ଖଣି ହେବାକୁ ଥିବାବେଳେ ୧୧୦ଟି ଗ୍ରାମ ସିଧାସଳଖ ଭାବେ ପ୍ରଭାବିତ ହେବେ। କୋଇଲା ଖଣି ହେଲେ ଏହା ସାଧାରଣ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥାଏ। ତେଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କର। ଅପରପକ୍ଷରେ ମନ୍ଦିର ପରିସରରେ ଏଭଳି ବୈଠକକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ତୀବ୍ର ବିରୋଧ କରିଥିଲେ। ଫଳରେ ବୈଠକ ଅଧାରୁ ବନ୍ଦ କରାଯାଇଥିଲା।




ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ୨୬୧ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ ଅଫିସ/ ବଣ୍ଠରପାଳ/ବଇଣ୍ଡା(ଡି.ଏନ.ଏ.), ୧୭।୧୦



ଆମ୍ବସରମୁଣ୍ଡା ହାଇସ୍କୁଲରେ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ ଜିଲା କଳାକେନ୍ଦ୍ର ପରିସରରେ 'ଆମ ପ୍ରତିଭା ଆମ ସ୍ୱାଭିମାନ' ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ଓଡ଼ିଶା ମୋ ପରିବାର ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ୬୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏମ୍ପି ମହେଶ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଶକ୍ତି ପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅରୁଣ କୁମାର ପଣ୍ଡା, ସମ୍ମାନିତ ଅତିଥି ମହେଶ ସାହୁ, ଏମ୍ପିଙ୍କ ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ଦୀନେଶ ପ୍ରଧାନ, ଯୁବନେତା ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବଣ୍ଠରପାଳ ବ୍ଲକ ଅରାହାଟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ୧୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ସମ୍ମାନିତ ଅତିଥି ସରପଞ୍ଚ ରଞ୍ଜୁଲତା ପୃଷ୍ଟି, ନର୍ମଦା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ହାଇସ୍କୁଲରେ ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏକ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ଯୁବ ବିଜେଡି ଜିଲା ସଭାପତି ଜିତେନ୍ଦ୍ର ସାହୁ, ସରପଞ୍ଚ ମହେଶ୍ୱର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଠମଲ୍ଲିକ ମେଡିକାଲ ରକ୍ତଭଣ୍ଡାର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ

ଅନୁଗୋଳ ଅଫିସ, ୧୭।୧୦

ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟିରରେ ଲୋକ ନାୟକ ଜୟପ୍ରକାଶ ନାରାୟଣ ଏବଂ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଏବଂ ଅଧାପକ ପ୍ରସନ୍ନ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ଉଭୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସୁଶ୍ରୀ ଲିପିକା ମହାପାତ୍ର ଧନ୍ୟବାଦ ଦେଇଥିଲେ। କୈଳାସ ଚନ୍ଦ୍ର ସାହୁ, ଭାବଗ୍ରାହୀ ନାୟକ, ନାରାୟଣ ମିଶ୍ର, ସରସ୍ୱତୀ ସ୍ୱାଇଁ, ଗୁଞ୍ଜରୀ ଅପା, ଶଙ୍କର ବେହେରା, ରଣଜିତ ଦେହୁରୀ, ପ୍ରତିମା ନାୟକ, ମାମାଲି ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜଣେ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୭।୧୦

ଅନୁଗୋଳ ଜିଲାରୁ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ହଜାର ୪୦୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତ ଜଣକ ଅନୁଗୋଳ ପୌରାଞ୍ଚଳର। ସେହିପରି ଦିନକରେ ଜିଲର ୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

